# Akashvani, Sambalpur

## SAMBALPURI NEWS EVENING BULLETIN

**23 September 2024- 7.02 pm- 7.12 pm.**

**********************************************

୧- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ନ ଲୋକ୍‌ମାନ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର କଲେ ଶୁଣାଣି ।

୨- ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଂଚଲିକ୍‌ର ୨ ଦିନିଆ ସମ୍ମିଲନୀ ହେଲା ମୁଲ୍ ।

-ଯୋଗ୍‌ଦେଲେ ଓଡ଼ିଶା ବିଧାନ୍‌ସଭାର ବାଚସ୍ପତି ସୁରମା ପାଢ଼ୀ ।

୩- ଆଏବା କେତେ ଦିନ୍ ଭିତ୍‌ରେ ପିଆଜ୍‌ର ଦାମ୍ କମ୍‌ବା କହେଲେ କେନ୍ଦ୍ର ଖାଉଟି ବ୍ୟାପାର୍ ବିଭାଗ୍‌ର ସଚିବ ।

ଆଉର୍

୪- ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି ସହେତେ ୧୯ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍‌ର ୫ ନମ୍ବର୍ ୟୁନିଟ୍‌ର ସର୍‌କାରୀ ବାସଭବନ୍ ନ ଲୋକ୍ ମାନ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କରିଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ରବିନାରାୟଣ୍ ନାୟକ, ସମ୍ପଦ୍ ସ୍ୱାଇଁ ଆର୍ ଗୋକୁଳାନନ୍ଦ ମଲ୍ଲିକଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଲୋକ୍‌ମାନ୍‌କର୍ ଅଭିଯୋଗ୍ ଶୁନିଛନ୍ । ଅନ୍‌ଲାଇନ୍‌ଥି ପଞ୍ଜିକରଣ୍ କରିଥିବା ହଜାରେ ଲୁକ୍‌କୁ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟ୍‌ବାର୍ ଲାଗି ଅନୁମତି ମିଳିଥିଲା । ହେଲେ ଯେନ୍‌ମାନେ ପଞ୍ଜିକରଣ୍ ନାଇଁ କରିକରି ଅଭିଯୋଗ୍ କର୍‌ବାର୍‌କେ ଆସିଥିଲେ ସେମାନ୍‌କର୍ ଲାଗି ଭିଲ୍ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଅଣ ପଞ୍ଜିକୃତ କାଉଂଟର୍ ଖୁଲାଯାଇକରି ସେମାନ୍‌କର୍ ଅଭିଯୋଗ୍ ପଞ୍ଜିକୃତ କରାଯାଇଥିଲା । ଆଘର୍ ହପ୍ତା ମାନ୍‌କେ ହେବାର୍‌କେ ଥିବାର୍ ଶୁଣାଣିଥି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ନିଜର୍ ଅଭିଯୋଗ୍ ଜନେଇପାର୍‌ବେ ।

ଭରତ୍‌ପୁର୍ ଥାନା ଘଟ୍‌ନା-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ଭରତ୍‌ପୁର୍ ଥାନା ଘଟ୍‌ନାର୍ ବିଚାର୍ ବିଭାଗ୍ ତଦନ୍ତ୍ ନିର୍ଦ୍ଦେଶ୍ ବାବ୍‌ଦେ ଗୃହ ବିଭାଗ୍ ତର୍‌ଫୁ ଜଷ୍ଟିସ୍ ଚିତରଞ୍ଜନ୍ ଦାସଙ୍କର୍ ଅଧ୍ୟକ୍ଷତାଥି ତଦନ୍ତ୍ କରାଯିବା ବଲି ବିଜ୍ଞପ୍ତିଥି କୁହାଯାଇଛେ । ଘଟ୍‌ନାର୍ ସବୁ ଅଭିଯୋଗ୍‌କେ ବିଚାର୍‌କେ ନେଇକରି ତଦନ୍ତ୍ କର୍‌ବାର୍‌କେ ସୁପାରିଶ୍ କରାଯାଇଛେ । ଭବିଷ୍ୟତ୍‌ଥି ଯେନ୍ତା ଏନ୍ତା ଘଟ୍‌ନା ନାଇଁ ଘଟେ ସେଥିର୍‌ଲାଗି ମହିଳାମାନ୍‌କର୍ ନିରାପତା ଆଉ ସୁରକ୍ଷା ବାବ୍‌ଦେ ପରାମର୍ଶ ମଗାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଭରତ୍‌ପୁର୍ ଥାନା ଘଟ୍‌ନା ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୋକ୍‌ସେବା ଭବନ୍‌ଥି ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ଆଲୋଚନା କରିକରି ଘଟ୍‌ନାର୍ ବିଚାର୍ ବିଭାଗୀୟ ତଦନ୍ତ ଲାଗି ନିର୍ଦ୍ଦେଶ୍ ଦେଇଥିଲେ । ବିଚାର୍‌ପତି ଜଷ୍ଟିସ୍ ଚିତରଞ୍ଜନ୍ ଦାସ ଘଟ୍‌ନାର୍ ତଦନ୍ତ୍ କରିକରି ୬୦ ଦିନ୍ ଭିତ୍‌ରେ ରିପୋର୍ଟ ଦେବାର୍ ସହେତେ ହାଇକୋର୍ଟଙ୍କର୍ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ୍‌ଥି କ୍ରାଇମ୍‌ବ୍ରାଂଚ୍ ତଦନ୍ତ୍‌କେ ଜଲ୍‌ଦି କର୍‌ବାର୍ ଲାଗି ହାଇକୋର୍ଟକେ ଭିଲ୍ ଅନୁରୋଧ୍ କରାଯାଇଥିଲା । ଇଥିର୍ ଭିତ୍‌ରେ ଇ ଘଟ୍‌ନାଥି ସାମିଲ୍ ଥିବା ଅଭିଯୋଗ୍‌ଥି ଭରତ୍‌ପୁର୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କର୍ ସହେତେ ୫ ଝନ୍ ପୁଲିସ୍ କର୍ମଚାରୀଙ୍କୁ ନିଲମ୍ବନ୍ କରାଯାଇଛେ ।

ଭାରତୀୟ ଆଂଚଲିକ୍ ସମ୍ମିଲନୀ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ -ସିପିଏ ଭାରତୀୟ ଆଂଚଲିକ୍‌ର ୨ ଦିନିଆ ୧୦ ନମ୍ବର ସମ୍ମିଲନୀ ଆଏଜ୍‌ଠାନୁ ନୂଆଦିଲ୍ଲୀ ନ ମୁଲ୍ ହେଇଛେ । ସମ୍ମିଲନୀର୍ ବିଷେ ହେଉଛେ ନିରନ୍ତର ଆର୍ ଅନ୍ତର୍ଭୁକ୍ତ ବିକାଶ୍ ହାସଲ୍‌ଥି ବିଧାନ୍ ପରିଷଦ୍‌ର ଭୂମିକା । ସମ୍ମିଲନୀଥି ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା ଅଧ୍ୟକ୍ଷତା କରିକରି ଦେଶର୍ ବିଧାନ୍‌ସଭା ମାନ୍‌କେ ଅଏତ୍‌କା ବର୍‌କସ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ସେ କହିଛନ୍ ଯେ, ଏଛେନ୍ ପ୍ରଯୁକ୍ତି ବିଦ୍ୟା ଆଉ ଯୋଗାଯୋଗ ଲୁକ୍‌କର୍ ଜୀବନ୍ ଶୈଲୀର୍ ଗୁଟେ ଅଂଶ ହେଇଛେ । ସଭେ ମିଶିକରି ବିଧାନ୍‌ସଭା ଆଉ ବିଧାନ୍ ପରିଷଦ୍‌କେ ଗୁଟେ ନୂଆଁ ରୂପ ଦେବା । ଯେନ୍‌ଟାକି ବିକାଶ୍ ନୁ ଲାଭ୍ ନାଇଁ ପାଇଥିବା ଲୁକ୍‌କୁ ବିକାଶ୍‌ର ମୁଖ୍ୟ ସ୍ରୋତକେ ଆନ୍‌ବାର୍‌କେ  ସାହାଜ୍ କର୍‌ବା ବଲି ଶ୍ରୀ ବିର୍ଲା ଆଶ୍ କରିଛନ୍ ।

ଇଥି ଓଡ଼ିଶାର୍ ବାଚସ୍ପତି ସୁରମା ପାଢ଼ୀଙ୍କର୍ ସହେତେ ଉପବାଚସ୍ପତି ଭବାନୀ ଶଙ୍କର୍ ଭୋଇ ଆଉ ବିଧାନ୍‌ସଭାର୍ ସଚିବ ଯୋଗ୍ ଦେଇଛନ୍ । ସେନ୍ତା ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ୪୬ ଝନ୍ ପ୍ରିଜାଇଡିଂ ଅଫିସର୍, ୪ ଝନ୍

ଅଧ୍ୟକ୍ଷ, ୨୫ ଝନ୍ ବାଚସ୍ପତି, ୩ ଝନ୍ ଉପାଧ୍ୟକ୍ଷ, ୧୪ ଝନ୍ ଉପବାଚସ୍ପତିଙ୍କର୍ ସହେତେ ସଚିବାଲୟର୍ ପ୍ରମୁଖ ସଚିବ, ସଚିବ ଆଉ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇଛନ୍ ।

୧୫ ଲାଖ୍ କୋଟିର ପ୍ରକଳ୍ପ ଏନ୍‌ଏସ୍‌ଡି

ଦେଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱଥି ୩ ନମ୍ବର ଥର୍ ଲାଗି ସରକାର ଗଠନ୍ ହେବାର ୧୦୦ ଦିନ୍ ପୁରିଛେ । ଇ ସମିଆ ଭିତ୍‌ରେ ୧୫ ଲାଖ୍ କୋଟିର ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ ପ୍ରକଳ୍ପର ଶୁଭାରମ୍ଭ ଆଉ ଭିତିପ୍ରସ୍ତର ଥାପ୍‌ନା କରାଯାଇଛେ । ଖାସ୍ କରି ଭିତିଭୂମି, ସାମାଜିକ କଲ୍ୟାଣ, କୃଷି, ମଧ୍ୟମ ବର୍ଗ, ମହିଲା ଆଉ ଯୁଆନ୍‌ପୀଢୀଙ୍କୁ ଧ୍ୟାନ୍ ଦେଇ କରି ଇ ସବୁ ପ୍ରକଳ୍ପ ମୂଲ୍ ହେଇଛେ ।

ସେନ୍ତା କେନ୍ଦ୍ର ସରକାର ମହିଳା ନେତୃତ୍ୱାଧିନ ବିକାଶ କର୍‌ବାର ଲାଗି ଜୋର୍ ଦେଇଛନ୍ । ଖାସ୍ କରି ଗାଁ ଇଲାକା ଆଉ ଆର୍ଥିକ ଅନଗ୍ରସର ମହିଳାମାନ୍‌ଙ୍କୁ ସଶକ୍ତ କର୍‌ବାର୍ ଦିଗେ ସରକାର ଭିନ୍ ଭିନ୍ ପଦକ୍ଷେପ୍ ନେଇଥିବା ସୂଚନା ମିଳିଛେ ।

ଆୟୁଷ୍ମାନ୍ ଭାରତ୍ ଆର୍‌ଏନ୍‌ୟୁ/କଟକ୍

କେନ୍‌ସି ଭିଲ୍ ଦେଶର୍ ସ୍ୱାସ୍ଥ୍ୟ ହିଁ ସମୃଦ୍ଧିର୍ ମୂଳଦୁଆ ବଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ । ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନ ଆରୋଗ୍ୟ ଯୋଜ୍‌ନା ୬ ବଛର୍ ପୁରା ହେବାର୍ ଅବ୍‌ସରେ ଆଏଜ୍  ଶ୍ରୀ ନଡ୍ଡା କହିଛନ୍ ଯେ, ସୁସ୍ଥ ଜନତା ଦେଶର୍ ବିକାଶ୍ ଆଉ ଉତ୍ପାଦନ୍ କ୍ଷେତ୍ରଥି ଯୋଗ୍‌ଦେବାର୍‌କେ ସକ୍ଷମ୍ ହେସନ୍ । ୨୦୦୮ ମସିହା ସେପ୍ଟେମ୍ବର୍ ମାସେ ମୁଲ୍ ହେଇଥିବା ଇ ଯୋଜ୍‌ନା ଆଏଜ୍ ପୁର୍‌ଥିର୍ ସବୁନୁ ବଡ଼ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜ୍‌ନା ହେଇଛେ ବଲି ସେ କହିଛନ୍ । ସେଆଡ଼େ ସୂଚ୍‌ନା ଅନ୍‌ସାରେ ସର୍‌କାର୍‌ଙ୍କର୍ ତର୍‌ଫୁ ମହିଲାମାନ୍‌କୁ ୪୫ ପ୍ରତିଶତ୍ ଆୟୁଷ୍ମାନ୍ କାର୍ଡ଼ ଦିଆଯାଇଛେ । ଡାକ୍ତର୍‌ଖାନାଥି ଭର୍ତି ହେଇଥିବା ୭ କୋଟି ୭୯ ଲାଖ୍ ମହିଲା ରୋଗୀଙ୍କର୍ ଭିତ୍‌ରୁ ୩ କୋଟି ୬୧ ଲାଖ୍ ମହିଲା ଆୟୁଷ୍ମାନ୍ କାର୍ଡ଼ ବେଭାର୍ କରିଥିବାର୍ ଜନାପଡ଼ିଛେ ।

ଷୋହଳ ପୂଜା        ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍‌ନୁ ମା ବିମଳାଙ୍କର୍ ଷୋହଳ ପୂଜା ମୁଲ୍ ହେବା । ଇ ଅବ୍‌ସରେ ଦେବୀ ଦୁର୍ଗାଙ୍କର୍ ସହସ୍ରା କୁମ୍ଭାଭିଷେକ ଆଉ ଦେବୀ ଉତ୍‌ଥାପନ୍ ନୀତି ହେବା । ଇ

କ୍ରମଥି ଆଏବା ମାସ ୯ ତାରିଖ୍ ବୁଧବାର୍ ଦିନ ମା ବିମଲାଙ୍କର୍ ପୀଠ ନ ମହାସପ୍ତମୀ, ୧୦ ତାରିଖ୍ ଗୁରୁବାର୍ ଦିନ ମହାଅଷ୍ଟମୀ ଆର୍ ୧୧ ତାରିଖ୍ ଶୁକ୍ରବାର୍ ଦିନ ମହାନଅମୀ ପୂଜା ହେବା । ୧୨ ତାରିଖ୍ ଦିନ ମାଙ୍କର୍ ବିଶ୍ରାମ୍ ପୂଜା ହେଇକରି ୧୩ ତାରିଖ୍ ରଏବାର୍ ଦିନ ଦଶ୍ରା ପୂଜା ହେବା ବଲି ଜନାପଡ଼ିଛେ ।

ପିଆଜ ଦର ଏନ୍ଏସ୍ଡି

ପିଆଜ୍ ଦର କମାବାର୍ ଲାଗି ସରକାର ରିହାତି ଦର୍ଥି ପିଆଜ ବିକ୍ରି କରୁଛନ୍ । ଆଏବା କିଛିଦିନ୍ ଭିତ୍ରେ ପିଆଜ୍ ଦାମ୍ କମ୍ବା ବଲି କେନ୍ଦ୍ର ଖାଉଟି ବ୍ୟାପାର ବିଭାଗର ସଚିବ ନିଧି ଖରେ କହିଛନ୍ । ଆଏଜ୍ ନୂଆଦିଲ୍ଲୀ ନ ସାମ୍ବାଦିକ୍ ସମ୍ମିଳନୀଥି ସେ କହିଛନ୍ ଯେ, ଇ ଖରିଫ୍ ଋତୁଥି ପିଆଜ୍ ଚାଷ ଭଲ୍ ହେଇଛେ । ଦରକାରୀ ପରିମାଣର ପିଆଜ୍ ମହଜୁଦ୍ ଅଛେ । ବଜାର ନ ପିଆଜ୍ ଦର୍ ଉପରେ ସରକାର ନଜର ରଖିଛନ୍ ବଲି ସେ କହିଛନ୍ । ସେ ଆହୁରି କହିଛନ୍ , ସରକାର ରିହାତି ଦର୍ଥି ବଜାର ନ କିଲୋପିଛା ୩୫ ଟଙ୍କାରେ ପିଆଜ୍ ବିକୁଛନ୍ । ଚଲ୍ତି ହପ୍ତାନୁ ସବୁ ରାଜ୍ୟର ରାଜଧାନୀ ଆଉ ବଡ୍ ସହରମାନ୍କେ ରିହାତି ଦର୍ଥି ପିଆଜ ବିକ୍ରି କରାଯିବା ବଲି ସେ କହିଛନ୍ ।

ଜନଶୁଣାଣି            ନୂଆପଡ଼ା/ ଦେବ୍‌ଗଡ଼୍‌/ ବୌଦ୍ଧ/ ସୁବର୍ଣ୍ଣପୁର୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଯୁଗ୍ମ ଶୁଣାଣି ହେଇଯାଇଛେ । ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମ୍ମିଳନୀ କକ୍ଷ ନ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିରଥି ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ଆର୍ ଏସ୍.ପି. ଜି. ଆର୍. ରାଘବେନ୍ଦ୍ର ୫୯ ଟା ଅଭିଯୋଗ୍‌ର ଶୁଣାଣି କରିକରି ସେମାନ୍‌କର୍ ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦେବ୍‌ଗଡ଼୍ ଜିଲ୍ଲାର୍ ତିଲେଇବଣି ବ୍ଲକ୍ ଡିମିରିକୁଦା ଗ୍ରାମ୍ ପଂଚାୟତ୍ ସମ୍ମିଳନୀ କକ୍ଷ ନ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୭୨ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା । ଖାସ୍ କରି ମୋବାଇଲ୍ ଟାୱାର୍, ହାତୀ ଧାନ୍ ଖାଏବାର୍, ରାସ୍ତା ମରାମତି ଆଉ କେନାଲ୍‌ଥି ଚେକ୍‌ଡେମ୍ ତିଆର୍ ଲାଗି ଦାବି କରିକରି ଅଭିଯୋଗ୍‌ମାନ୍ ଆସିଥିଲା । ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ଆଉ ଅଲ୍‌ଗା ଅଧିକାରୀମାନେ ଇଥି ଯୋଗ୍ ଦେଇଥିଲେ ।

ସେନ୍ତା ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ବ୍ଲକ୍ ଖଲିଆପାଲି ପଂଚାୟତ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିର ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ୍ ଅନିରୁଦ୍ଧ

ପ୍ରଧାନ୍ ଇଥି ଯୋଗ୍ ଦେଇକରି ଶହେ ୨୯ ଟା ଆପତି ଅଭିଯୋଗ୍ ଶୁନିଥିଲେ । ସେଥିର୍‌ଭିତ୍‌ରୁ ୭୨ଟା ଅଭିଯୋଗ୍‌ର ସାଙ୍ଗେ ସାଙ୍ଗ୍ ସମାଧାନ୍ କରାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ବ୍ଲକ୍ ସମ୍ମିଲନୀ କକ୍ଷ ନ ଯୁଗ୍ମ ଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଅନନ୍ୟା ଦାସ ଆର୍ ଏସ୍.ପି. ୟଶ୍ ପ୍ରତାପ୍ ଶ୍ରୀମଲ୍ ଇଥି ଯୋଗ୍ ଦେଇକରି ୪୫ ଟା ଅଭିଯୋଗ୍‌ର ଶୁଣାଣି କରିଥିଲେ । ଇ ଅବ୍‌ସରେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଶହେ ୪୪ ଝନ୍‌କୁ ୨୧ ଲାଖ୍ ୪୫ ହଜାର୍ ୪ ଶହ ଟଙ୍କା ସାହାଜ୍ ଟଙ୍କା ସେମାନ୍‌କର ସଂଚୟ ଖାତାକେ ଅନ୍‌ଲାଇନ୍ ଜରିଏ ଦିଆଯାଇଥିଲା ।

ବୌଦ୍ଧ ବିକାଶ୍ ମେଳା- ଶେଷ ବୌଦ୍ଧ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ଶହେ ଦିନ୍ ପୁରା ହେବାର୍ ଅବ୍‌ସରେ ବୌଦ୍ଧ ଜିଲ୍ଲା କଚ୍‌ରୀ ପଡ଼ିଆ ନ ଚାଲିଥିବା ୩ ଦିନିଆ ବିକାଶ୍ ମେଳା ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ଉତ୍ସବ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇ ମେଳା ଲାଗି

ସର୍କାର୍ଙ୍କର୍ ଭିନ୍ ଭିନ୍ ଯୋଜ୍ନା ବାବ୍ଦେ ଲୋକ୍ମାନେ ସଚେତନ୍ ହେଇପାର୍ବେ ବଲି କହିଥିଲେ ।

ଦାଦନ୍ ଉଦ୍ଧାର୍ -ସଚେତନତା କାର୍ଯ୍ୟକ୍ରମ/ବଲାଙ୍ଗିର୍

ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଖପ୍ରାଖୋଲ୍ ବ୍ଲକ୍ ନ ଜିଲ୍ଲା ପ୍ରଶାସନ୍, ପୁଲିସ୍ ଆଉ ୟୁନିସେଫ୍ ସଂସ୍ଥା ତର୍ଫୁ ଦାଦନ୍ ଉଦ୍ଧାର୍ ଲାଗି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ଖପ୍ରାଖୋଲ୍ ଥାନା ନ ହେଇଯାଇଛେ । ଇଥି ଜିଲ୍ଲାପାଲ୍ ଶିବାଜୀ ଗୌରବ୍ ଇସଲ୍ୱାର୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଶ୍ରମିକ୍ମାନେ କାମ୍ ଲାଗି ବାହାର୍କେ ନାଇଁ ଯାଇକରି ପଂଚାୟତ୍ ନ ନରେଗା ଯୋଜ୍ନା ଆଉ ଜଙ୍ଗଲ୍ ବିଭାଗ୍ ଆଉ ଉଦ୍ୟାନ୍ କୃଷି ବାଗିର୍ ବିଭାଗ୍ଥି ହେଉଥିବା କାମ୍ କର୍ବାର୍ ଲାଗି ଆହ୍ୱାନ୍ ଦେଇଥିଲେ ।

ସୁବର୍ଣ୍ଣପୁର-ନୂଆଖାଇ ଭେଟ୍ଘାଟ          ସୁବର୍ଣ୍ଣପୁର

ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର ଟାଉନ୍‌ହଲ୍ ପ୍ରେକ୍ଷାଳୟ ନ ସାଂସ୍କୃତିକ୍ ଅନୁଷ୍ଠାନ୍ ବିଗୁଲ୍ ତର୍‌ଫୁ ନୂଆଖାଇ ଭେଟ୍‌ଘାଟ୍ ହେଇଯାଇଛେ । ରାଜ୍ୟ ବିଧାନ୍‌ସଭାର ମୁଖ୍ୟ ସଚେତକ୍ ସରୋଜ୍ ପ୍ରଧାନ୍ ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସୁବର୍ଣ୍ଣପୁର୍ ମାଟିର ଲୋକସଂସ୍କୃତି, ଲୋକଗୀତ ଆଉ ନାଚ୍ ଓଡ଼ିଶାର୍ ସାଂସ୍କୃତିକ୍ ଅସ୍ମିତାକେ ରୁଦ୍ଧିମନ୍ତ କରିଛେ ବଲି କହିଛନ୍ । ବିଗୁଲ୍ ପରିବାର୍‌ର ମୁଖ୍ୟ ସନ୍ତୋଷ୍ ମିଶ୍ରଙ୍କର୍ ସଂଯୋଜନାଥି ହେଇଥିବା ଇ ଉତ୍ସବ୍‌ଥି ଅଭିନେତା ପ୍ରଦ୍ୟୁମ୍ନ ସାହୁ, ଯୁବନେତା ନାରାୟଣ୍ ଲୁହା ଆଉ ଅରବିନ୍ଦ ବାରିକ୍ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ହରିହର ମିଶ୍ର- ପରଲୋକ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ସାହିତ୍ୟ ଏକାଡେମୀର୍ ଆଘର୍ ସଭାପତି ଆଉ ବିଶିଷ୍ଟ ନାଟ୍ୟକାର୍, କବି ଆଉ ଶିକ୍ଷାବିତ୍ ହରିହର ମିଶ୍ରଙ୍କର୍ ଆଏଜ୍ ୮୪ ବଛର୍ ବୟସ୍‌ଥି ପରଲୋକ୍ ହେଇଯାଇଛେ । ସ୍ୱର୍ଗତ୍ ମିଶ୍ର ୧୯୪୦ ମସିହା ନଭେମ୍ବର୍ ୧୯ ତାରିଖ୍ ଦିନ ପୁରୀର ମାର୍କଣ୍ଡେଶ୍ୱର ସାହି ନ ଜନମ୍ ହେଇଥିଲେ । ଅଧ୍ୟାପନା ବୃତିଥି ଥାଇକରି ଭିଲ୍ ସେ ସାହିତ୍ୟ ସର୍ଜନା ସହେତେ ରେଡ଼ିଓ ନାଟକ୍‌ଥି ଅଭିନୟ କରିଥିଲେ । ୨୦୧୬

ମସିହାଥି ସେ ଓଡ଼ିଶା ସାହିତ୍ୟ ଏକାଡେମୀର ୩୧ ନମ୍ବର୍ ସଭାପତି ଭାବେ ନିଯୁକ୍ତ ହେଇଥିଲେ ।

ବିସିସିଆଇ ମହିଳା -ଟି-ଟ୍ୱେଂଟି କ୍ରିକେଟ

ଆର୍‌ଏନ୍‌ୟୁ/ କଟକ୍

ନାଗ୍‌ପୁର୍ ନ ଆଏବା ୧ ତାରିଖ୍‌ନୁ ମୁଲ୍ ହେବାର୍‌କେ ଥିବା ବିସିସିଆଇ ମହିଳା ୧୯ ବଛର୍‌ନୁ କମ୍ ଟି-ଟ୍ୱେଂଟି କ୍ରିକେଟ୍‌ଥି ମଣିପୁର୍ ବିପକ୍ଷଥି ଓଡ଼ିଶା ତାର୍ ଅଭିଯାନ୍ ଆରମ୍ଭ୍ କର୍‌ବା । ଇଥିର୍‌ଲାଗି ଓସିଏ ତର୍‌ଫୁ ୧୫ ଝନିଆ ଦଲ୍ ଘୋଷ୍‌ନା କରାଯାଇଛେ । ଦଲ୍‌ଥି ପୂଜା ଯାଦବ୍‌ଙ୍କୁ ଅଧିନାୟିକା ନିଯୁକ୍ତ କରାଯାଇଛେ । ଅକ୍ଟୋବର୍ ୨ ତାରିଖ୍ ଦିନ ଓଡ଼ିଶା ଦଲ୍ ହରିଆନାକେ, ୪ ତାରିଖ୍ ଦିନ ମହାରାଷ୍ଟ୍ର, ୬ ତାରିଖ୍ ଦିନ ଆସାମ୍ ଆଉ ୮ ତାରିଖ୍ ଦିନ ଦିଲ୍ଲୀକେ ଭେଟ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ଲଘୁଚାପ୍ ସୃଷ୍ଟି ହେଇପାରେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା

ମିଲିଛେ । ମିଲିଥିବା ସୂଚ୍ନା ଅନ୍ସାରେ ଆଏବା କାଏଲ୍ କଲାହାଣ୍ଡି ସହେତେ ରାଜ୍ୟର୍ ୧୯ ଟା ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍ତକ୍ ବର୍ଷା ହେବା । ଇତାର୍ସହେତେ କେତେ ଜାଗା ନ ଧୁକାଗର୍ଡି ଭିଲ୍ ହେଇପାରେ ।